# ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଆବେଦନ ନିମନ୍ତେ ଦରଖାସ୍ତ ଗ୍ରହଣ ।

କର୍ମଜିବୀ ସାମ୍ବାଦିକ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ପାଇବା ନିମନ୍ତେ ଯୋଗ୍ୟ ସାମ୍ବାଦିକ ଆବଶ୍ୟକ ପ୍ରମାଣ ପତ୍ର ସହ ଆବେଦନ କରିବାକୁ ଜଣାଇ ଦିଆଯାଉଛି । ଇତିମଧ୍ୟରେ ୭୭ ଜଣ ସାମ୍ବାଦିକ ଓ ତାଂକର ପରିବାରକୁ ପ୍ରଥମ ପର୍ଯ୍ୟାୟରେ ଏହି ବୀମା କାର୍ଡ ପ୍ରଦାନ କରାଯାଇଛି । କିନ୍ତୁ ସମ୍ପୃକ୍ତ ପ୍ରକାଶକଙ୍କ ଠାରୁ ମଗାଯାଇଥିବା ଚିଠିର ଉତ୍ତର ହସ୍ତଗତ ନ ହେବାରୁ କିଛି ଯୋଗ୍ୟ ସାମ୍ବାଦିକ ଏହି ବୀମାରେ ଅର୍ନ୍ତଭୁକ୍ତ ହୋଇପାରିନାହାନ୍ତି । ଯୋଗ୍ୟ ବୈଦୁତିକ/ପ୍ରିଣ୍ଟ/ୱେବ ପୋର୍ଟାଲର ସ୍ୱିକୃତି ପ୍ରାପ୍ତ ସାମ୍ବାଦିକମାନଂକର I&PR ସ୍ୱିକୃତି ଥାଇ ସାମ୍ବାଦିକ ପରିଚୟ ପତ୍ର ଓ ପ୍ରକାଶକଂକ ଦ୍ୱାରା ନିଯୁକ୍ତିପତ୍ର ସହ ଆବେଦନ କରିବାକୁ ଜଣାଇଦିଆଗଲା । ଯେଉଁମାନେ ଆବେଦନ କରିଛନ୍ତି ସେମାନେ ଉକ୍ତ କାର୍ଯ୍ୟାଳୟ ସହ ଯୋଗାଯୋଗ କରି ସେମାନଂକର ଆବଶ୍ୟକ ପ୍ରମାଣପତ୍ରର ଯାଂଚ କରିବାରେ ସହଯୋଗ କରିବାକୁ ଅନୁରୋଧ । ଚଳିତ ମାସ ୨୯ ତାରିଖରୁ ନଭେମ୍ବର ୧୦ ତାରିଖ ମଧ୍ୟରେ ଆବେଦନ କରିବାର ସମୟ ସୀମା ରହିଛି ।